ଉତ୍ତର ପ୍ରଦେଶ ରାଜ୍ୟ

ବନାମ

ନାଗାଲାଣ୍ଡ ରାଜ୍ୟ ଏବଂ ଅନ୍ୟମାନେ

ଡିସେମ୍ବର 17,1997

[ସୁହାସ୍ ସି. ସେନ ଏବଂ ଏମ୍.ଜଗନ୍ନାଧ ରାଓ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତର ସମ୍ବିଧାନ, 1950: ଅନୁଚ୍ଛେଦ 136*

*ବିଶେଷ ଅନୁମତି ଦ୍ୱାରା ଅପିଲ - ମଧ୍ୟବର୍ତ୍ତୀକାଳୀନ ଆଦେଶ ବିରୁଦ୍ଧରେ ଅପିଲ - ଏହି ସମୟ ମଧ୍ୟରେ ରିଟ୍ ଆବେଦନ ଉପରେ ମଧ୍ୟ ଦୀର୍ଘ ସମୟ ଧରି ଶୁଣାଣି ହୋଇଥିଲା- ଦର୍ଶାଯାଇଥିଲା, ଯେହେତୁ ରାୟ ଶୀଘ୍ର ଘୋଷଣା ହେବାର ସମ୍ଭାବନା ଥିଲା, ଏହି ପର୍ଯ୍ୟାୟରେ ମଧ୍ୟବର୍ତ୍ତୀକାଳୀନ ଆଦେଶରେ ହସ୍ତକ୍ଷେପ ପାଇଁ ଆବଶ୍ୟକ ନଥିଲା ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର ଦେୱାନୀ ଅପିଲ ସଂଖ୍ୟା 8858-61/1997 ଇତ୍ୟାଦି ।

ସିଆର୍ ସଂଖ୍ୟା 4986/1997 ରେ ଗୌହାଟୀ ଉଚ୍ଚନ୍ୟାୟାଳୟର ତା 13.10.97 ରିଖର ରାୟ ଏବଂ ଆଦେଶରୁ ।

ଭାରତର ମହାନ୍ୟାୟବାଦୀ ଅଶୋକ ଏଚ୍.ଦେଶାଇ, ମହାଧିବକ୍ତା ଏ.କେ.ଗୋୟଲ, କାଭିନ୍ ଗୁଲାଟି, ପ୍ରଦୀପ ମିଶ୍ର, ଆର. ବି. ମିଶ୍ର ଏବଂ ଅପିଲକାରୀଙ୍କ ପାଇଁ କମଲେନ୍ଦ୍ର ମିଶ୍ର ।

ଉତ୍ତରଦାତାଙ୍କ ପାଇଁ ଶାନ୍ତି ଭୂଷଣ, ପି.କେ. ଗୋସ୍ୱାମୀ,ଡ.ଏ.ଏମ୍.ସିଂଭି, ସି. କେ. ଶଶି, କୈଳାସ ବାସଦେବ, ପ୍ରଦୀପ ଅଗ୍ରୱାଲ, ଏନ୍. ବି. ଖଟୱାଡା, ସୁଶ୍ରୀ ପ୍ରତିଭା ଜୈନ ଏବଂ ଗୁଡ଼ୱିଲ ଇନ୍ଦିବର ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଯାଇଛି । ଯଦିଓ ଉତ୍ତର ପ୍ରଦେଶ ରାଜ୍ୟ ତରଫରୁ ମହାନ୍ୟାୟବାଦୀ, ଭାରତ ସଂଘଙ୍କ ତରଫରୁ ମହାନ୍ୟାୟଭିକର୍ତ୍ତା ଏବଂ ନାଗାଲାଣ୍ଡ ରାଜ୍ୟ ତରଫରୁ ଶ୍ରୀ ଶାନ୍ତି ଭୂଷଣଙ୍କ ଦ୍ୱାରା ବିସ୍ତୃତ ଯୁକ୍ତି ଉପସ୍ଥାପନ କରାଯାଇଛି । ଆମେ ମାମଲାର ଗୁଣବତ୍ତା ଭିତରକୁ ଆଦୌ ଯିବୁ ନାହିଁ । ଆମକୁ ସୂଚନା ଦିଆଯାଇଛି ଯେ, ଗ୍ରହଣ ପର୍ଯ୍ୟାୟରେ ମଧ୍ୟ ରିଟ୍ ଆବେଦନର ଦୀର୍ଘ ଶୁଣାଣି

ହୋଇଛି । ରାୟକୁ ଅପେକ୍ଷା କରାଯାଇଛି । ଏହା କେବଳ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶର ଏକ ଅପିଲ ଅଟେ । ଯେହେତୁ ରାୟ ଶୀଘ୍ର ଘୋଷଣା ହେବାକୁ ଯାଉଛି, ଆମେ ଏହି ପର୍ଯ୍ୟାୟରେ ପାରିତ ମଧ୍ୟବର୍ତ୍ତୀକାଳୀନ ଆଦେଶରେ  ହସ୍ତକ୍ଷେପ କରିବାକୁ ଅନିଚ୍ଛୁକ । ଆମେ ଏହା ସ୍ପଷ୍ଟ କରୁଛୁ ଯେ, ମାମଲାର ଗୁଣବତ୍ତା ଉପରେ ଆମେ କୌଣସି ମତ ପ୍ରକାଶ କରିନାହୁଁ । ଏହି ମାମଲାର ଶୁଣାଣି କରୁଥିବା ନ୍ୟାୟାଳୟ ଆଇନ ଅନୁଯାୟୀ ମାମଲାର ନିଷ୍ପତ୍ତି ନେବାକୁ ସମ୍ପୂର୍ଣ୍ଣ ମୁକ୍ତ ହେବେ । ସେହି ଅନୁଯାୟୀ ଅପିଲଗୁଡ଼ିକର ପରିସମାପ୍ତି କରାଗଲା ।

ଟିପି ସଂଖ୍ୟା 418-421/97

ଏସ୍.ଏଲ୍.ପି.(ସି) ସଂଖ୍ୟା  21304 07/97, ରେ ଉପରୋକ୍ତ ନିର୍ଣ୍ଣୟକୁ ଦୃଷ୍ଟିରେ ରଖି, ଏହି ପର୍ଯ୍ୟାୟରେ ସ୍ଥାନାନ୍ତର ଆବେଦନ ଉପରେ କୌଣସି ଆଦେଶ ପାରିତ କରାଗଲାନାହିଁ ।  ତଦନୁସାରେ ସ୍ଥାନାନ୍ତର ଆବେଦନର  ମଧ୍ୟ ପରିସମାପ୍ତି କରାଗଲା ।

ଟି.ଏନ୍.ଏ.                    ଅପିଲ ଏବଂ ଟି.ପି. ର ପରିସମାପ୍ତି  ଘଟିଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟ ର ଇଂରାଜୀ ସଂସ୍କାରଣ ଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହେ ଉପଯୁକ୍ତ ବିବେଚିତ ହେବ । "

**ଅନୁବାଦିକା :- ଶୁଭଶ୍ରୀ ମିଶ୍ର**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ ,କଟକ**